ଗ୍ରାମୀଣ କୃଷି ମୌସମ ସେବା, ଭବାନୀପାଟଣା, କଳାହାଣ୍ଡି

ଜିଲ୍ଲା ସ୍ତରୀୟ ପାଣିପାଗ ଭିତିକ କୃଷି ଉପଦେଶ ସେବା

ପଶ୍ଚିମ ମାଳ ଅଂଚଳ, ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ପ୍ରସାରଣ କେନ୍ଦ୍ର , (ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ)

ଭବାନୀପାଟଣା

---

ପତ୍ର ସଂ - ୧୬ ସପ୍ତାହ- ୧୧ ତାରିଖ- ୧୫.୦୩.୨୦୧୯

## ପାଣିପାଗ ଭିତିକ କୃଷି ଉପଦେଶ - ନୂଆପଡା ଜିଲ୍ଲା ନିମନ୍ତେ

**ପାଣିପାଗ ପୂର୍ବାନୁମାନ - ୧୩.୦୩.୨୦୧୯ ରୁ ୧୭.୦୩.୨୦୧୯ ପର୍ଯ୍ୟନ୍ତ:**

ଆସନ୍ତା ୧୭.୦୩.୧୯ ରୁ ୧୮.୦୩.୨୦୧୯ ମଧରେ ନୂଆପଡା ଜିଲ୍ଲା ରେ ସ୍ୱଳ୍ପ ମାତ୍ର ରେ ବର୍ଷା ହେବା ସମ୍ଭାବନା ଥିବା ସମୟରେ ୧୯.୦୩.୨୦୧୯ ରୁ ୨୦.୦୩.୨୦୧୯ ମଧରେ ପାଗ ଶୁଖିଲା ରହିବା ସମ୍ଭାବନା ଅଛି.. ଏହି ସମୟରେ ଆକାଶ ଅଂଶିକା ମେଘୁଆ ରହିବା ସମ୍ଭାବନା ଅଛି. ପବନ ଉତ୍ତର-ପୂର୍ବ, ଦକ୍ଷିଣ-ପୂର୍ବ ଓ ଦକ୍ଷିଣ-ପଶ୍ଚିମ ଦିଗରୁ ଘଣ୍ଟା ପ୍ରତି ୦୦୩-୦୧୪ କି.ମି. ବେଗ ରେ ବୋହିବା ସମ୍ଭାବନା ଅଛି.ଏହି ସମୟରେ ଦିନ ର ସର୍ବାଧିକ ତାପମାତ୍ରା ୩୬-୩୮ ଡିଗ୍ରୀ ସେ. ଓ ସର୍ବନିମ୍ନ ତାପମାତ୍ରା ୨୧-୨୨ ଡିଗ୍ରୀ ସେ. ଏବଂ ସର୍ବାଧିକ ଓ ସର୍ବନିମ୍ନ ଆପେକ୍ଷିକ ଆଦ୍ରତା ଯଥାକ୍ରମେ ୫୩-୬୭ % ଓ ୨୦-୨୯ % ରହିବା ସମ୍ଭାବନା ଅଛି.

## ପାଣିପାଗ ଭିତିକ କୃଷି ଉପଦେଶ

- ଧାନ ଓ ପନିପରିବା ରେ ଜଳସେଚନ ବର୍ଷ କୁ ଦେଖି ଯୋଜନା କରନ୍ତୁ .
- ଫସଲ ରେ ଔଷଧ ସିଞ୍ଚନ ସିଞ୍ଚନ କରନ୍ତୁ.
- ପାକଳ ଫସଲ ଅମଳ କରନ୍ତୁ ଓ ସୁରକ୍ଷିତ ସ୍ଥାନ କୁ ନିଅନ୍ତୁ .
- ମୁଗ ଓ ବିରି ରେ ସାହେବି ରୋଗ, ଯଉ ଓ ଧଳା ମାଛି ଲାଗିବାର ସମ୍ଭାବନା ଥିବାରୁ ଧାନ ଦିଅନ୍ତୁ.
- ଡ଼ାଲୁଅ ଧାନ ରେ କାନ୍ଦ ବିନ୍ଧ ପୋକ ଲାଗିବାର ସମ୍ଭାବନା ଥିବାରୁ ଦୟାନ ଦିଅନ୍ତୁ.

**ଡ଼ାଲୁଅ ଧାନ**

- ମୁଖ୍ୟ ଜମି ରେ ରୁଆ ଯାଇଥିବା ଧାନ ବର୍ତମାନ ପିଲ ରୁ ଗର୍ଭ ହେବା (୬-୯ ସପ୍ତାହ) ଅବସ୍ଥାରେ ଅଛି.
- ଡ଼ାଲୁଅ ଧାନ ମୁଖ୍ୟ ଜମି ରେ ରୁ ଗର୍ଭ ଅବସ୍ଥା ହୋଇଗଲେ ଘଷା ନିଅନ୍ତ୍ରଣା କରନ୍ତୁ ଓ ସହଲା କିସମ ରେ ଏକରକୁ ୧୩ କିଲୋ ୟୁରିଆ ସହିତ ୧୦ କିଲୋ ଏମ.ଓ.ପି ଏବଂ ମାଧମ କିସମ ରେ ୧୮ କିଲୋ ୟୁରିଆ ସହିତ ୧୩ କିଲୋ ଏମ.ଓ.ପି. ସାରା ପ୍ରୟୋଗ କରନ୍ତୁ.
- ତାପମାତ୍ରା ବୃଦ୍ଧି କାଣ୍ଡବିନ୍ଧା ପୋକ ବ୍ୟାପିବା ରେ ସହାୟକ ଅଟେ. ଏହାର ଗତିବିଧି ଜାଣିବା ପାଇଁ ଏକରକୁ ୫ ଗୋଟି ସଙ୍ଗ ଆକର୍ଷକ ଜନତା ଲଗାନ୍ତୁ.

**ଆଖୁ :**

- ଆଖୁ ବର୍ତମାନ ରୋପଣ ରୁ ଗଜା ହେବା ଅବସ୍ଥା ରେ ଅଛି. ଗଜା ହେବା ସମୟରେ ୩୫ ଦିନ ପାର୍ଯ୍ୟନ୍ତ ୭ ଦିନ ଅନ୍ତର ରେ ଜଳସେଚନ କରନ୍ତୁ.
- ଆଖୁ ଚାଷ ପାଇଁ ବର୍ତ୍ତମ ଜମି କୁ ଗଭୀର ଚାଷ କରନ୍ତୁ. ଶେଷ ଡ଼ ଚାଷ ପୂର୍ବରୁ ଏକର ପ୍ରତି ୧୦ ଟନ ଗୋବର ଖାତା ପ୍ରୟୋଗ କରନ୍ତୁ.
- ଏକର କୁ ୧୬୦୦୦ ଗୋଟି ତିନି ଅଖିଆ ୩୦-୪୫ ସେମି.ଲମ୍ବା ନିରୋଗ ଆଖୁ ବିହନ ସଂଗ୍ରହ କରନ୍ତୁ.
- ଆଖୁ ଲଗାଇବା ପାଇଁ ୯୦ସିମ ଦୂରତା ରେ ୨୦-୨୫ ସେମି ଗଭୀର ସିଆର କରନ୍ତୁ.
- ଏକରକୁ ୧୫୦ କିଲୋ ସସ୍ୱ ଲଗାଇବା ପୂର୍ବରୁ ପ୍ରୟୋଗ କରନ୍ତୁ.
- ବିହନ ଲଗାଇବା ପୂର୍ବରୁ ୧୦-୧୫ ମିନଟ ଏକ ଲିଟର ପାଣି ରେ ୧ ଗ୍ରାମ ହିସାବ ରେ ବାଭିଷ୍ଟିନ ପକାଇ ଦ୍ରବଣ ପ୍ରସ୍ତୁତ କରି ଆଖୁ ବିହନ ବିଶୋଧାନ କରନ୍ତୁ.

**<u>ମୁଗ ଓ ବିରି :</u>**

- ମୁଗ ଓ ବିରି ବର୍ତମାନ ଫଳ ଧରିବା ରୁ ମଞ୍ଜି ହେବା (୧୧-୧୪ ସପ୍ତାହ) ଅବସ୍ଥାରେ ଅଛି.
- ମୁଗ ଓ ବିରି ଫସଲ ରେ ଯଉ, ଧଳା ମାଛି ଓ ସାହେବି ରୋଗ ଲାଗିଲେ ଏକରକୁ ୫୦ମିଲି imidacloprid ଔଷଧ କୁ ୨୦୦ ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ.

<u>ପିଆଜ ;</u>

- ମୁଖ୍ୟ ଜମି ରେ ପିଆଜ ବର୍ତମାନ ୧୦-୧୪ ସପ୍ତାହ ଅବସ୍ଥା ରେ ଅଛି.

**ସହଯୋଗୀ ଗବେଷଣା ନିର୍ଦେଶକ ଓ ନୋଡାଲ ଅଫିସର**

**ଗ୍ରାମୀଣ କୃଷି ମୌସମ ସେବା , ଭବାନୀପାଟଣା**